# NATIONAL NEWS BULLETIN (ODIA)

## 9 June - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଏକ୍ସିଓମ୍-ଫୋର୍ ମିଶନ୍‌ରେ ଆସନ୍ତାକାଲି ମହାକାଶକୁ ଯାତ୍ରା କରିବେ ଭାରତୀୟ ବାୟୁ ସେନାର ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ।
- ଗତ ୧୧ ବର୍ଷରେ ଭାରତର ଅଭିବୃଦ୍ଧି ଯାତ୍ରା ଉପରେ ନମୋ ଆପ୍ ସର୍ଭେରେ ଅଂଶଗ୍ରହଣ କରିବାକୁ ଦେଶବାସୀଙ୍କୁ ଅନୁରୋଧ କଲେ ପ୍ରଧାନମନ୍ତ୍ରୀ ।
- ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀଙ୍କ ଆଜିଠାରୁ ସ୍ୱିଜରଲାଣ୍ଡ ଏବଂ ସ୍ୱିଡେନ୍ ଗସ୍ତ ଆରମ୍ଭ ।
- ହଜ୍ ଯାତ୍ରା ଅବସରରେ ସାଉଦି ଆରବକୁ ଭାରତୀୟ ଶ୍ରଦ୍ଧାଳୁଙ୍କର ଗସ୍ତ ଉପରେ ପ୍ରତିବନ୍ଧ ଲଗାଯିବା ସଂକ୍ରାନ୍ତ ଖବର ତଥ୍ୟ ଭିତ୍ତିକ ନୁହେଁ ବୋଲି ସ୍ପଷ୍ଟ କଲେ ସରକାର ।

ଏବଂ

- ଓଡ଼ିଶା ସମେତ ଦେଶର କେତେକ ଅଞ୍ଚଳରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ଅନୁଭୂତ ହେବା ନେଇ ଭାରତୀୟ ପାଣିପାଗ ବିଭାଗର ସୂଚନା ।

## ଏକ୍‌ଜିଓମ୍‌-୪ ମିଶନ

ଭାରତୀୟ ବାୟୁ ସେନାର ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଆସନ୍ତାକାଲି ଏକ୍‌ଜିଓମ୍-ଫୋର୍ ମିଶନରେ ମହାକାଶକୁ ଯାତ୍ରା କରିବେ । ଆମେରିକାର ଫ୍ଲୋରିଡ଼ା ସ୍ଥିତ ନାସାର କେନେଡ଼ି ମହାକାଶ କେନ୍ଦ୍ରରୁ ଭାରତୀୟ ସମୟ ସନ୍ଧ୍ୟା ୫ଟା ୫୨ ମିନିଟ୍‌ରେ ଏକ୍‌ଜିଓମ୍-ଫୋର୍ ମିଶନ୍‌ର ପ୍ରକ୍ଷେପଣ କରାଯିବ । ଏହି ଐତିହାସିକ ଅଭିଯାନରେ ଶ୍ରୀ ଶୁକ୍ଲାଙ୍କ ସମେତ ଆମେରିକା, ପୋଲାଣ୍ଡ ଏବଂ ହଙ୍ଗେରୀର ୩ ଜଣ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାତ୍ରା କରିବେ। ସେଠାରେ ସେମାନେ ସେଠାରେ ୧୪ ଦିନ ପର୍ଯ୍ୟନ୍ତ ଅବସ୍ଥାନ କରିବେ।

ଏହି ଅଭିଯାନରେ ଯିବାକୁ ଥିବା ଅନ୍ୟ ତିନି ଜଣ ହେଉଛନ୍ତି ପୋଲାଣ୍ଡର ସ୍ଲାଓଜ୍ ଉଜନାନସ୍କି, ହଙ୍ଗେରୀର ଟିବୋର କାପୁ ଏବଂ ଆମେରିକାର ପେଗି ହ୍ୱାଟ୍‌ସନ୍। ୧୯୮୪ ମସିହାରେ ରାକେଶ ଶର୍ମାଙ୍କ ପରେ ଶୁଭାଂଶୁ ଶୁକ୍ଲା ଦ୍ୱିତୀୟ ଭାରତୀୟ ଭାବେ ମହାକାଶଯାତ୍ରା କରିବେ। ଆସନ୍ତା ବୁଧବାର ରାତି ୧୦ଟା ବେଳକୁ ଏହି ଚାରି ଜଣ ଆନ୍ତର୍ଜାତିକ

ମହାକାଶ କେନ୍ଦ୍ରରେ ପହଞ୍ଚିବେ। ଦୁଇ ସପ୍ତାହ ରହଣି ମଧ୍ୟରେ ସେମାନେ ମାଇକ୍ରୋଗ୍ରାଭିଟି ଅନୁସନ୍ଧାନ, ପ୍ରାଦ୍ୟୋଗିକି ପ୍ରଦର୍ଶନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ ହେବେ। ସେମାନେ ସେଠାରେ ୬୦ଟି ବୈଜ୍ଞାନିକ ଅଧ୍ୟୟନ କରିବେ ବୋଲି ଜଣାପଡ଼ିଛି। ଏହି ମିଶନ ନାସା, ଇସ୍ରୋ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ମହାକାଶ ସଂସ୍ଥା ମଧ୍ୟରେ ସମ୍ପର୍କ ଦୃଢ଼ କରିବ ବୋଲି ଆଶା କରାଯାଇଛି ।

# ପିଏମ୍-ସର୍ଭେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୧ ବର୍ଷରେ ଭାରତର ଅଭିବୃଦ୍ଧି ଯାତ୍ରା ଉପରେ ନମୋ ଆପ୍ ସର୍ଭେରେ ଅଂଶଗ୍ରହଣ କରିବାକୁ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏ ସମ୍ପର୍କିତ ପୋର୍ଟାଲ୍‌ର ଲିଙ୍କ୍ ସୂଚନା ପ୍ରଦାନ କରିଛନ୍ତି । ଏହି ଆପ୍‌ରେ ଗତ ୧୧ ବର୍ଷରେ ଭାରତର ଅଭିବୃଦ୍ଧି ଯାତ୍ରା ଉପରେ ଚାଲିଥିବା ଜନମାନ ସର୍ଭେରେ ସମସ୍ତେ ଅଂଶଗ୍ରହଣ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଶାହା–୧୧ ଇୟର୍ସ୍ ଅଫ୍ ଗଭ୍ମେଣ୍ଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ମୋଦୀ ସରକାରଙ୍କ ୧୧ ବର୍ଷ ମଧ୍ୟରେ ଦେଶରେ ଆର୍ଥିକ ପୁନରୁଦ୍ଧାର, ସାମାଜିକ ନ୍ୟାୟ, ସାଂସ୍କୃତିକ ସୁରକ୍ଷା ଏବଂ ଜାତୀୟ ସୁରକ୍ଷାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହାସଲ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସରକାରଙ୍କ ୧୧ ବର୍ଷର ଜନସେବାର ପ୍ରଶଂସା କରି ଶ୍ରୀ ଶାହା କହିଛନ୍ତି, ସଂକଳ୍ପ, ସମର୍ପଣ ଏବଂ ଜନସେବାର ଏହା ସୁବର୍ଣ୍ଣ ଯୁଗ ପାଲଟିଛି । ସ୍ପଷ୍ଟ ନେତୃତ୍ୱ, ଅଟଳ ସଂକଳ୍ପ ଏବଂ ଜନସେବା କେନ୍ଦ୍ରୀତ ସରକାରଙ୍କ ପଦକ୍ଷେପ ସେବା, ସୁରକ୍ଷା ଓ ସୁଶାସନକୁ ସଫଳ କରିପାରିଛି । କୃଷିଜୀବୀ, ମହିଳା, ପଛୁଆବର୍ଗ, ଦରିଦ୍ର ଏବଂ ଅବହେଳିତ ଲୋକଙ୍କ ବିକାଶ ସହ ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ ଆଧାରିତ ସରକାରଙ୍କ ପଦକ୍ଷେପ ବିଭିନ୍ନ କ୍ଷେତ୍ରରେ ସଂସ୍କାରକୁ ତ୍ୱରାନ୍ୱିତ କରିଛି । ନକ୍ସଲବାଦ କାର୍ଯ୍ୟକଳାପ ଉଲ୍ଲେଖନୀୟ ହ୍ରାସ ପାଇଥିବା ବେଳେ ଜାମ୍ମୁ କାଶ୍ମୀର ଏବଂ ଉତ୍ତର-ପୂର୍ବ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହୋଇପାରିଛି ବୋଲି ଶ୍ରୀ ଶାହା କହିଛନ୍ତି । ମୋଦୀ ସରକାରଙ୍କ ତୃତୀୟ ପର୍ଯ୍ୟାୟରେ ସଂସ୍କାର, କାର୍ଯ୍ୟ ଦକ୍ଷତା ଏବଂ ପରିବର୍ତ୍ତନର ଶକ୍ତି ମାଧ୍ୟମରେ ବିକାଶ ଓ ଆତ୍ମନିର୍ଭରଶୀଳତା ଆଡ଼କୁ ଭାରତ ଅଗ୍ରସର ହେଉଛି ବୋଲି ଶ୍ରୀ ଶାହା କହିଛନ୍ତି ।

# ୧୧ ବର୍ଷ

ସେବା, ସୁ-ଶାସନ ଏବଂ ଗରିବ କଲ୍ୟାଣ ନୀତି ଆଧାରରେ ଦେଶରେ ଗତ ଏକ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଆକାଶବାଣୀ ସମ୍ବାଦ ବିଭାଗ ଗତ ୧୧ ବର୍ଷ ମଧ୍ୟରେ ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ସରକାରଙ୍କ ପ୍ରୟାସ ଉପରେ ବିଶେଷ ପ୍ରସ୍ତୁତି ଉପସ୍ଥାପନ କରୁଛି ।  ଆଜି ଉତ୍ତର ପୂର୍ବ କ୍ଷେତ୍ରର ବିକାଶ ଯାତ୍ରା ଉପରେ ସୂଚନା ପ୍ରଦାନ କରାଯାଉଛି । ଦେଶର ଏହି କ୍ଷେତ୍ର ଏବେ ସଂଯୋଗ ଏବଂ ପ୍ରଗତିର ପ୍ରତୀକ ଭାବେ ଉଭା ହୋଇଛି ।

ଉତ୍ତର-ପୂର୍ବ ସ୍ୱତନ୍ତ୍ର ଭିତ୍ତିଭୂମି ବିକାଶ ଯୋଜନା, ପି.ଏମ୍. ଡିଭାଇନ୍ ଏବଂ ଆକାଂକ୍ଷି ଜିଲ୍ଲା କାର୍ଯ୍ୟକ୍ରମ ଭଳି ପ୍ରମୁଖ ଯୋଜନା ଗୁଡ଼ିକ ମାଧ୍ୟମରେ ସେହି ଅଞ୍ଚଳରେ ତୃଣମୂଳ ସ୍ତରରୁ ବିକାଶ ତ୍ୱରାନ୍ୱିତ ହୋଇଛି । ବନଧନ ଯୋଜନା ମାଧ୍ୟମରେ ତିନି ଲକ୍ଷରୁ ଅଧିକ ଆଦିବାସୀ ଉପକୃତ ହୋଇଛନ୍ତି । ସଂଗଠିତ କୃଷି ବ୍ୟବସାୟକୁ ଉନ୍ନତ କରିବା ସହ ୪୩୪ ଚାଷୀ ଉତ୍ପାଦକ କମ୍ପାନୀ ମାଧ୍ୟମରେ ୨ ଲକ୍ଷରୁ ଅଧିକ କୃଷିଜୀବୀ ଲାଭବାନ ହୋଇଛନ୍ତି ।

ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ କାରିଗର ଏବଂ ବୁଣାକାର ବିଶେଷ ଲାଭବାନ ହୋଇପାରିଛନ୍ତି । ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସେହି ଅଞ୍ଚଳରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇଛି । ସାକ୍ଷରତା ହାର ବୃଦ୍ଧି ପାଇବା ସହ ଉଲ୍ଲାସ ମିଶନ୍ ଅଧୀନରେ ମିଜୋରାମ୍‌କୁ ସମ୍ପୂର୍ଣ୍ଣ ସାକ୍ଷର

ରାଜ୍ୟ ଭାବେ ଘୋଷଣା କରାଯାଇଛି । ବିବିଧତାରେ ପରିପୂର୍ଣ୍ଣ ଏହି ଅଞ୍ଚଳ ଏବେ ସମୃଦ୍ଧ ହେଉଛି ଏବଂ ପ୍ରତ୍ୟେକ ଗ୍ରାମ ଉପତ୍ୟକା ଜାତୀୟ ସ୍ତରରେ ନିଜର ସ୍ଥାନକୁ ମଜବୁତ କରିଛନ୍ତି ।

## ଗୋୟଲ୍-ଭିଜିଟ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜିଠାରୁ ସ୍ୱିଜରଲାଣ୍ଡ ଏବଂ ସ୍ୱିଡେନ୍ ଗସ୍ତରେ ଯାଇଛନ୍ତି । ଅର୍ଥନୈତିକ ଏବଂ ବାଣିଜ୍ୟିକ ସହଭାଗିତାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ମନ୍ତ୍ରୀ ଶ୍ରୀ ଗୋୟଲ୍ ଉଭୟ ଦେଶକୁ ଯାତ୍ରା କରିଛନ୍ତି । ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସ୍ୱିଜରଲାଣ୍ଡ ଠାରେ ମନ୍ତ୍ରୀ ଶ୍ରୀ ଗୋୟଲ୍ ବ୍ୟବସାୟିକ ଗୋଷ୍ଠୀଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ ।

ସ୍ୱିଡେନ୍ ଠାରେ ଭାରତ-ସ୍ୱିଡିସ୍ ଅର୍ଥନୈତିକ, ଶିଳ୍ପ ଓ ବୈଜ୍ଞାନିକ ସହଯୋଗ ମିଳିତ କମିଶନ୍‌ର ୨୧ତମ ଅଧିବେଶନରେ ମନ୍ତ୍ରୀ ଶ୍ରୀ ଗୋୟଲ୍ ସହ-ଅଧ୍ୟକ୍ଷତା କରିବେ ।

# ଏମ୍‌ଇଏ-ସାଉଦି

ଭାରତୀୟ ଶ୍ରଦ୍ଧାଳୁଙ୍କର ହଜ୍ ଯାତ୍ରା ଅବସରରେ ସାଉଦି ଆରବକୁ ଗସ୍ତ ଉପରେ ପ୍ରତିବନ୍ଧ ଲଗାଯିବା ସମ୍ପର୍କିତ ଖବର ତଥ୍ୟ ଭିତ୍ତିକ ନୁହେଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ସାଉଦି ଆରବ ସରକାର ଏଭଳି କୌଣସି ବିଜ୍ଞପ୍ତି ଜାରି କରିନାହାନ୍ତି ବୋଲି କୁହାଯାଇଛି । ତେବେ ହଜ୍ ଯାତ୍ରା ଅବସରରେ ଭିଡ଼କୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ସ୍ୱଳ୍ପକାଳୀନ ଭିସା ଉପରେ ସାଉଦି ଆରବ ସରକାରଙ୍କ ପକ୍ଷରୁ ଅସ୍ଥାୟୀ କଟକଣା ଜାରି କରାଯାଇଛି । ହଜ୍ ଯାତ୍ରା ପରେ ଏହି କଟକଣା ଶେଷ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ବିର୍ସାମୁଣ୍ଡା-ଡେଥ୍ ଆନିଭର୍ସରୀ

ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ଶ୍ରାଦ୍ଧବାର୍ଷିକୀ ଆଜି  ପାଳନ କରାଯାଇଛି । ବ୍ରିଟିଶ ଉପନିବେଶବାଦ ବିରୋଧରେ ଭଗବାନ ବିର୍ସା ମୁଣ୍ଡା ଆଦିବାସୀ ସଂପ୍ରଦାୟର ଅଧିକାର ଏବଂ ମର୍ଯ୍ୟାଦା ପାଇଁ ଲଢ଼େଇ କରିଥିଲେ । ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ଝାଡ଼ଖଣ୍ଡର ଉଲିହାଟୁରେ ବିର୍ସା ମୁଣ୍ଡା ଜନ୍ମଗ୍ରହଣ କରିଥିଲେ । ବିର୍ସାମୁଣ୍ଡାଙ୍କ ନେତୃତ୍ୱରେ ଉଲ୍‌ଗୁଲାନ ଆନ୍ଦୋଳନ ଶୀର୍ଷରେ ପହଞ୍ଚିଥିଲା । ବ୍ରିଟିଶ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଜମିଦାରଙ୍କ ବିରୋଧରେ ଜମି ଏବଂ ପ୍ରାକୃତିକ

ସମ୍ପଦ କ୍ଷେତ୍ରରେ ଆଦିବାସୀଙ୍କ ଅଧିକାର ପୁର୍ନସ୍ଥାପନ କରିବା ପାଇଁ ଉଲ୍‌ଗୁଲାନ୍ ଏକ ଉଲ୍ଲେଖନୀୟ ପଦକ୍ଷେପ ଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭଗବାନ ବିର୍ସାମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭଗବାନ ବିର୍ସା ମୁଣ୍ଡା ଆଦିବାସୀ ଭାଇଭଉଣୀଙ୍କ କଲ୍ୟାଣ ଏବଂ ସେମାନଙ୍କର ଅଧିକାରର ସୁରକ୍ଷା ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ତ୍ୟାଗ ଓ ସମର୍ଥନ ଦେଶବାସୀଙ୍କୁ ପ୍ରେରଣା ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପୁରୀ-ସମନ୍ୱୟ କମିଟି

ପୁରୀ ଶ୍ରୀକ୍ଷେତ୍ରରେ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ପ୍ରଭୁ ଜଗନ୍ନାଥଙ୍କ ବାର୍ଷିକ ରଥଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି । ରଥଯାତ୍ରାର ସୁପରିଚାଳନା ନେଇ ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ନାନ ଯାତ୍ରା ଏବଂ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଛି।

ରଥଯାତ୍ରା ସମୟରେ ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ କୃତ୍ରିମ ବୁଦ୍ଧିମତା ଆଧାରିତ କ୍ୟାମେରା

ଲଗାଇବାକୁ ନିଷ୍ପତ୍ତି ହୋଇଛି । ଆସନ୍ତା ବୁଧବାର ଦିନ ସ୍ନାନ ଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତିର ସମୀକ୍ଷା କରାଯାଇଛି । ବଡ଼ଦାଣ୍ଡରୁ ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ରଥଯାତ୍ରା ସମୟରେ କୋଭିଡ୍ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ପୁରୀ ନ ଆସିବାକୁ ପରାମର୍ଶ ଦିଆଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **'ଶାରୀରିକ ଏବଂ ମାନସିକ ସୁସ୍ଥତା ପାଇଁ ଯୋଗ'** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଆୟୁର୍ବେଦ ବିଶେଷଜ୍ଞ ଅନୀତା କୌଶିକ ଏବଂ କମଲ କିଶୋର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଆସାମ ଆର୍‌ଏସ୍ ଇଲେକ୍‌ସନ୍

ଆସାମର ରାଜ୍ୟସଭା ସଦସ୍ୟ ପାଇଁ ଆଜି ଦୁଇଟି ନାମାଙ୍କନପତ୍ର ଦାଖଲ ହୋଇଛି । ଆସାମ ଗଣପରିଷଦର ବୀରେନ୍ଦ୍ର ପ୍ରସାଦ ବୈଶ୍ୟ ଏବଂ ବିଜେପିର କନାଡ଼ ପୁରକାୟସ୍ଥ ଆସାମ ବିଧାନସଭାର ବାଚସ୍ପତିଙ୍କ ନିକଟରେ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ରାଜ୍ୟସଭା ସଦସ୍ୟ ଭାବେ  ଶ୍ରୀ ବୈଶ୍ୟଙ୍କ କାର୍ଯ୍ୟକାଳ ଆସନ୍ତା ୧୪ ତାରିଖରେ ଶେଷ ହେବାକୁ ଯାଉଛି । ଦଳ ପକ୍ଷରୁ ତାଙ୍କୁ ରାଜ୍ୟସଭା ସଦସ୍ୟ ପାଇଁ ପୁନଃ ମନୋନୀତ କରାଯାଇଛି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟ ବିଜେପିର ସହ ପ୍ରତିଷ୍ଠାତା କବିନ୍ଦ୍ର ପୁରକାୟସ୍ଥଙ୍କ ପୁଅ କନାଡ଼ ପୁରକାୟସ୍ଥଙ୍କୁ ବିଜେପି ପକ୍ଷରୁ ରାଜ୍ୟସଭା ସଦସ୍ୟତା ପାଇଁ ମନୋନୀତ କରାଯାଇଛି ।

# ପାଣିପାଗ

ବିହାର, ଗାଙ୍ଗେୟ ପଶ୍ଚିମବଙ୍ଗ, ଓଡ଼ିଶା ଓ ତାମିଲନାଡୁରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଦେଶର ଦକ୍ଷିଣ ଉପଦ୍ୱିପ ଅଞ୍ଚଳରେ ମୌସୁମୀ ସକ୍ରିୟ ରହିବାର ସମ୍ଭାବନା ଥିବାରୁ ୧୨ରୁ ୧୫ ତାରିଖ ମଧ୍ୟରେ କର୍ଣ୍ଣାଟକ ଏବଂ ୧୩ରୁ ୧୫ ତାରିଖ ମଧ୍ୟରେ ଗୋଆ ଓ କୋଙ୍କଣରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ଦକ୍ଷିଣ ଆସାମ, ନାଗାଲାଣ୍ଡ, ମଣିପୁର,

ମିଜୋରାମ ଏବଂ ତ୍ରିପୁରାର କେତେକ ଅଞ୍ଚଳରେ ଏହି ସମୟ ମଧ୍ୟରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆଗାମୀ ତିନି ଦିନ ପର୍ଯ୍ୟନ୍ତ ପୂର୍ବ ଭାରତର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ କହିଛି ।